ମରିୟମ୍ ବେଗମ୍

ବନାମ

ବଶିରୁନ୍ନିସା ବେଗମ୍ ଏବଂ ଅନ୍ୟମାନେ

ସେପ୍ଟେମ୍ବର 26,2001

[ସୟଦ୍ ଶାହା ମହମ୍ମଦ୍ କାଦରୀ ଏବଂ ଏସ୍. ଏନ୍. ଫୁକାନ୍, ନ୍ୟାୟମୂର୍ତ୍ତିଦ୍ୱୟ]

*ଆନ୍ଧ୍ର ପ୍ରଦେଶ ଗୃହ (ପଟ୍ଟା, ଭଡ଼ା ଏବଂ ଉଚ୍ଛେଦ) ନିୟନ୍ତ୍ରଣ ଅଧିନିୟମ, 1960:*

*ଧାରା 10 (2) (i)- ଭଡ଼ା ପଇଠ କରିବାରେ ଇଚ୍ଛାକୃତ ଖିଲାପ ଆଧାରରେ ଭଡ଼ାଟିଆଙ୍କୁ ଉଚ୍ଛେଦ କରିବା - ଭଡ଼ା ପଇଠ କରିବାରେ ଖିଲାପ କରିଥିବା ଭଡ଼ାଟିଆଙ୍କୁ ଉଚ୍ଛେଦ କରିବା ପାଇଁ ଜମି ମାଲିକାଣୀଙ୍କ ଆବେଦନ- ଉପ-ଭଡ଼ା ଆଧାରରେ ଉଚ୍ଛେଦ ପାଇଁ ଅନ୍ୟ ଏକ ଆବେଦନ - ଭିନ୍ନ ଅବଧି ପାଇଁ ଭଡ଼ା ପଇଠ କରିବାରେ ଇଚ୍ଛାକୃତ ଖିଲାପ ଆଧାରରେ ଉଚ୍ଛେଦ ପାଇଁ ଏକ ତୃତୀୟ ଆବେଦନ - ଇଚ୍ଛାକୃତ ଖିଲାପ ଏବଂ ଉପ-ଭଡ଼ା ଆଧାରରେ ଉଚ୍ଛେଦକୁ ଏବଂ ଭଡ଼ା ନିୟନ୍ତ୍ରକ ଓ ଉଚ୍ଚ-ନ୍ୟାୟାଳୟଙ୍କ ଦ୍ୱାରା ଅନୁମୋଦନ - ଭଡ଼ାଟିଆଙ୍କ ଆଳ ଥିଲା ଯେ ଯେହେତୁ ଧାରା 11 ଅନୁଯାୟୀ ଏକ ଅନ୍ତଃବର୍ତ୍ତୀ ଆବେଦନ ରେ ଦାଖଲ ହୋଇଥିବା ପ୍ରଥମ ଆବେଦନ ବିଚାରଧୀନ ଥିଲା, ସେ ଭାବିଲେ ଯେ ମାମଲା ନ୍ୟାୟାଳୟଙ୍କ ଦ୍ୱାରା ନିଷ୍ପତ୍ତି ନହେବା ପର୍ଯ୍ୟନ୍ତ ତାଙ୍କୁ ଭଡ଼ା ଜମା କରିବାର ଆବଶ୍ୟକତା ନଥିଲା ଏହି ମାମଲାରେ ନିଷ୍ପତ୍ତି ନିଆଯିବା ପରେ ତୁରନ୍ତ ସେ ଭଡ଼ା ଜମା କରିଥିଲେ ଏବଂ ଏହିପରି କୌଣସି ଇଚ୍ଛାକୃତ ଖିଲାପ ହୋଇନଥିଲା – ନିର୍ଣ୍ଣୟ ନିଆଗଲା ଯେ ଅନ୍ତଃବର୍ତ୍ତୀ ଆବେଦନ ବିଚାରଧୀନ ଥିବା ସମୟରେ ଭଡ଼ାଟିଆ ଜଣେ ଅଧିବକ୍ତାଙ୍କ ଦ୍ୱାରା ପ୍ରତିନିଧିତ୍ୱ ହୋଇଥିଲେ - ଯଦି ତାଙ୍କର କୌଣସି ସନ୍ଦେହ ଥିଲା ତେବେ ତାଙ୍କଠାରୁ ପରାମର୍ଶ ନେବାର ସୁଯୋଗ ତାଙ୍କୁ ମିଳିଥିଲା - ଭଡ଼ା ପ୍ରଦାନ କରିବାର ଦାୟିତ୍ୱ ପ୍ରତି, ଏହି କ୍ଷେତ୍ରରେ ଯେଉଁ ବେପରୁଆ ଉଦାସୀନତା ହୋଇଛି ତାହା ଏଠାରେ ଖୁବ୍ ଅଧିକ - ଭଡ଼ାଟିଆଙ୍କ ଆବେଦନକୁ ଖାରଜ କରିଦିଆଗଲା ।*

ଜେ. ଜର୍ମନ୍ସ୍ ବନାମ ଆଲିୟାମ୍ମାଲ୍ ଏବଂ ଅନ୍ୟମାନେ, [1999] 7 SCC 382, ମାମଲାକୁ ଉପରେ ନିର୍ଭର କରାଗଲା । ଦେୱାନୀ ଆବେଦନ ଅଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 1715/1997

ଦେୱାନୀ ଆବେଦନ ସଂଖ୍ୟା 1716/1997 ସହ C.R.P. ସଂଖ୍ୟା 873/1993 ରେ ଆନ୍ଧ୍ର ପ୍ରଦେଶ ଉଚ୍ଚ ନ୍ୟାୟାଳୟଙ୍କର ତାରିଖ 7.8.96 ର ରାୟ ଏବଂ ଆଦେଶରୁ ବର୍ତ୍ତମାନର ଏହି ଆବେଦନ ।

ଆବେଦନକାରୀଙ୍କ ତରଫରୁ ସୁଶ୍ରୀ କେ. ଅମରେଶ୍ୱରୀ, ପି. ଭେଙ୍କଟ ରେଡ୍ଡୀ, ସୁଶ୍ରୀ ଆର. ମାଧବୀ ଲତା ଏବଂ ଗୁଣ୍ଟୁର ପ୍ରଭାକର ।

ଉତ୍ତରଦାତାମାନଙ୍କ ତରଫରୁ ମହେନ୍ଦ୍ର ଆନନ୍ଦ୍ ଏବଂ ରାଜୀବ୍ ନନ୍ଦା ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଗଲା :345 346

ଏହି ଦୁଇଟି ଆବେଦନରେ ପକ୍ଷମାନେ ହେଉଛନ୍ତି ସମାନ । ଏହି ଆବେଦନଗୁଡ଼ିକରେ ଆବେଦନକାରୀ ହେଉଛନ୍ତି ଭଡ଼ାଟିଆ ଏବଂ ପ୍ରଥମ ଉତ୍ତରଦାତା ହେଉଛନ୍ତି ଜମି ମାଲିକାଣୀ ।

ଦେୱାନୀ ଆବେଦନ ସଂଖ୍ୟା 1715/97, ଅଗଷ୍ଟ 7,1996 ରେ CRP 873/93 ର ଆନ୍ଧ୍ର ପ୍ରଦେଶର ଉଚ୍ଚ ନ୍ୟାୟାଳୟଙ୍କ ଆଦେଶରୁ ଆନୀତ ।ଦେୱାନୀ ଆବେଦନ ସଂଖ୍ୟା 1716/97, ଡିସେମ୍ବର 10,1996 ରେ CRP 17/93 ର ଆନ୍ଧ୍ର ପ୍ରଦେଶର ଉଚ୍ଚ ନ୍ୟାୟାଳୟଙ୍କ ରାୟରୁ ଆନୀତ ।

ଏହି ମାମଲାଗୁଡ଼ିକରେ ଉପୁଜିଥିବା ପ୍ରଶ୍ନଗୁଡ଼ିକର ତର୍ଜମା ପାଇଁ, ଏହି ଆବେଦନଗୁଡ଼ିକ ଉତ୍ପନ୍ନ କରିଥିବା ତଥ୍ୟଗୁଡ଼ିକୁ ଏଠାରେ ସଂକ୍ଷେପରେ ଉଲ୍ଲେଖ କରିବା ଉଚିତ ହେବ । ଉତ୍ତରଦାତା, ଆନ୍ଧ୍ର ପ୍ରଦେଶ ଗୃହ (ପଟ୍ଟା , ଭଡ଼ା ଏବଂ ଉଚ୍ଛେଦ) ନିୟନ୍ତ୍ରଣ ଅଧିନିୟମ, 1960 (ସଂକ୍ଷେପରେ 'ଅଧିନୀୟମର') ର ଧାରା 10 ଅନୁଯାୟୀ ମେ 1,1983 ରୁ ଅକ୍ଟୋବର 31,1983 ଅବଧି ପାଇଁ ଭଡ଼ା ପ୍ରଦାନ କରିବାରେ ଖିଲାପ ସମେତ ବିଭିନ୍ନ ଆଧାରରେ ଆବେଦନକାରୀଙ୍କୁ ହାଇଦ୍ରାବାଦର ବଜାର ଗଳି ସ୍ଥିତ ଗୃହ ସଂଖ୍ୟା 11-4-773 & 11-4-773/ C 1 ର ପରିସରରୁ ଉଚ୍ଛେଦ କରିବା ପାଇଁ ହାଇଦ୍ରାବାଦ ସ୍ଥିତ ଦ୍ୱିତୀୟ ଅତିରିକ୍ତ ଭଡ଼ା ନିୟନ୍ତ୍ରକ ଙ୍କ ଅଦାଲତରେ RC 244/83 ଦାଖଲ କଲେ । ଉକ୍ତ RC ବିଚାରାଧୀନ ଥିବାବେଳେ, ସେ ଭଡ଼ା ନିୟନ୍ତ୍ରକଙ୍କ ସମ୍ମୁଖରେ RC 20/85 ଦାଖଲ କରି ଅଧିନିୟମ 10 (2) (2) (a) ଅନୁଯାୟୀ ଉତ୍ତରଦାତାଙ୍କୁ ଉଚ୍ଛେଦ କରିବାକୁ ଚାହିଁଥିଲେ କାରଣ ସେ ମକଦ୍ଦମା ରେ ଥିବା ପରିସର ଏକ ଅଂଶକୁ ଦ୍ୱିତୀୟ ଉତ୍ତରଦାତାଙ୍କୁ ଉପ-ଭଡାରେ ଦେଇଛନ୍ତି ଯିଏ କି ମେସର୍ସ ଶ୍ୟାମା ଟ୍ରେଡର୍ସଙ୍କ ନାମ ଏବଂ ଶୈଳୀରେ ନିର୍ମାଣ ସାମଗ୍ରୀ ଯୋଗାଣର

ବ୍ୟବସାୟ ଚଳାଉଛନ୍ତି । ସେ ମଧ୍ୟ ମୁଖ୍ୟ ଭଡ଼ା ନିୟନ୍ତ୍ରକଙ୍କ ଅଦାଲତରେ ଏହି ଆଧାରରେ RC 115/84 ଦାଖଲ କରିଥିଲେ ଯେ ଅଧିନିୟମର ଧାରା 10 (2) (i) ଅନୁଯାୟୀ ନଭେମ୍ବର 1,1983 ରୁ ମାର୍ଚ୍ଚ 31,1984 ଅବଧି ପାଇଁ ଭଡ଼ା ପ୍ରଦାନରେ ଉତ୍ତରଦାତା ଇଚ୍ଛାକୃତ ଖିଲାପ କରିଛନ୍ତି । ଏହି ମାମଲାଗୁଡ଼ିକ ବିଚାରଧୀନ ଥିବାବେଳେ, RC 244/83, ଏପ୍ରିଲ 4,1988 ରେ ଖାରଜ କରିଦିଆଗଲା । ସେହି R.C.ରେ ଖାରଜ ଆଦେଶ ଚୂଡ଼ାନ୍ତ ହୋଇଛି ।

ଯେ ପର୍ଯ୍ୟନ୍ତ RC 115/84 (ଇଚ୍ଛାକୃତ ଖିଲାପ ଆଧାରରେ ଦାଖଲ) ଜଡ଼ିତ , ସେହି କ୍ଷେତ୍ରରେ ବିଦ୍ୱାନ ଭଡ଼ା ନିୟନ୍ତ୍ରକ ଜାଣିବାକୁ ପାଇଲେ ଯେ ଉତ୍ତରଦାତା, ଭଡ଼ା ଦେବାରେ ଇଚ୍ଛାକୃତ ଖିଲାପ କରିଥିଲେ , ତେଣୁ ସେ ଉଚ୍ଛେଦ ଆଦେଶ ଦେଲେ । ସେହି ଆଦେଶକୁ ଆବେଦନରେ ତଥା ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପୁନଃରୀକ୍ଷଣରେ ବଜାୟ ରଖାଗଲା । ଏହି ଆଦେଶରୁ ଦେୱାନୀ ଆବେଦନ ସଂଖ୍ୟା 1716/97 ଉତ୍ପନ୍ନ ହୁଏ ।

ଉପ ଭଡା ଆଧାରରେ ବିଦ୍ୱାନ ଭଡ଼ା ନିୟନ୍ତ୍ରକ ଉପଭଡା ପ୍ରମାଣିତ ହୋଇଛି ବୋଲି ମତ ରଖି ଉଚ୍ଛେଦ କରିବାକୁ ନିର୍ଦ୍ଦେଶ ଦେଲେ ।ତେବେ, ଆବେଦନ ଉପରେ ହାଇଦ୍ରାବାଦ ସ୍ଥିତ ନଗର କ୍ଷୁଦ୍ର ମାମଲା ନ୍ୟାୟାଳୟର ବିଦ୍ୱାନ ମୁଖ୍ୟ ବିଚାରପତି, ଭଡ଼ା ନିୟନ୍ତ୍ରକଙ୍କ ରାୟକୁ ବାତିଲ କରି ଅକ୍ଟୋବର 28,1992 ରେ ଆବେଦନକୁ ଅନୁମତି ଦେଇଥିଲେ ।ଏହି ମାମଲାକୁ CRP 873/93 ରେ ଉଚ୍ଚ ନ୍ୟାୟାଳୟ କୁ ବିଚାରାର୍ଥେ ପ୍ରେରଣ କରାଗଲା ଏବଂ 7.8.96 ତାରିଖର ଆଦେଶ ଦ୍ୱାରା ଉଚ୍ଚ ନ୍ୟାୟାଳୟ ଆପୀଲିୟ ପ୍ରାଧିକରଣଙ୍କ ଆଦେଶ ବାତିଲ କରିଦେଲେ ଏବଂ ବିଦ୍ୱାନ ଭଡ଼ା ନିୟନ୍ତ୍ରକଙ୍କ ଆଦେଶ ପୁନଃ ପ୍ରତିଷ୍ଠା କଲେ ଏବଂ ଏହିପରି ପୁନଃରୀକ୍ଷଣକୁ ଅନୁମତି ଦେଲେ ।ସେହି ଆଦେଶରୁ ଦେୱାନୀ ଆବେଦନ ସଂଖ୍ୟା 1715/97 ଉତ୍ପନ୍ନ ହୁଏ ।

ଯେ ପର୍ଯ୍ୟନ୍ତ ଦେୱାନୀ ଆବେଦନ 171/97 ଜଡ଼ିତ , ସେହି କ୍ଷତ୍ରରେ ଆବେଦନକାରୀଙ୍କ ତରଫରୁ ବିଦ୍ୱାନ ବରିଷ୍ଠ ପରାମର୍ଶଦାତା ଶ୍ରୀମତୀ କେ . ଅମରେଶ୍ୱରୀ ଯୁକ୍ତି ବାଢନ୍ତି ଯେ ନଭେମ୍ବର 1, 1983 ରୁ ମାର୍ଚ୍ଚ 31, 1984 ର ଉକ୍ତ ଅବଧି ମଧ୍ୟରେ ଭଡା ପଇଠ ନକରିବାର କାରଣ ଏହିକି ଯେ ଅଧିନିୟମର ଧାରା 11 ଅନୁଯାୟୀ RC 244/83 ରେ ଦାଖଲ ହୋଇଥିବା ଅନ୍ତଃବର୍ତ୍ତୀ ଆବେଦନ ବିଦ୍ୱାନ ଭଡା ନିୟନ୍ତ୍ରକଙ୍କ ସମ୍ମୁଖରେ ବିଚାରଧୀନ ଥିଲା , ତେଣୁ ଆବେଦନକାରୀ ଭାବିଲେ ଯେ ଯେ ପର୍ଯ୍ୟନ୍ତ ମାମଲାଟି ନ୍ୟାୟାଳୟଙ୍କ ଦ୍ୱାରା ନିଷ୍ପତ୍ତି ହୋଇନାହିଁ , ତାଙ୍କୁ ଭଡା ପଇଠ କରିବାର ଆବଶ୍ୟକ ନାହିଁ , ସେଥିପାଇଁ ଭଡା ଦେବାରେ ହୋଇଥିବା ଖିଲାପକୁ ଇଚ୍ଛାକୃତ ଖିଲାପ

ବୋଲି କୁହାଯାଇ ପାରିବ ନାହିଁ । ବିଦ୍ୱାନ ପରାମର୍ଶଦାତା ଦାଖଲ କରନ୍ତି ଯେ ଏପ୍ରିଲ୍ 28,1984 ରେ ଆଦେଶ ପାରିତ ହେବାର ତୁରନ୍ତ ପରେ, ଆବେଦନକାରୀ ପ୍ରଦର୍ଶ R1 ଏବଂ ପ୍ରଦର୍ଶ R2 ମେ 8,1984 ଏବଂ ଜୁଲାଇ 17,1984 ରେ ଅଧୀନରେ ବକେୟା ରାଶି ପ୍ରଦାନ କରିଥିଲେ। ତେଣୁ ଭଡ଼ା ପଇଠ କରିବାରେ ଖିଲାପକୁ ଇଚ୍ଛାକୃତ ଖିଲାପ ଭାବରେ ବିବେଚନା କରାଯାଇପାରିବ ନାହିଁ , ତେଣୁ ଆପତ୍ତି ଅଧୀନରେ ଥିବା ଉଚ୍ଚ ନ୍ୟାୟାଳୟ ଙ୍କ ଆଦେଶ ଯାହା ଆପୀଲିୟ ନ୍ୟାୟାଳୟଙ୍କ ଆଦେଶକୁ ନିଶ୍ଚିତ କରୁଛି ବାତିଲ ହେବା ନିମିତ୍ତ ଉପଯୁକ୍ତ । ଆମେ ଭୟ କରୁ, ଆମେ ବିଦ୍ୱାନ ପରାମର୍ଶଦାତାଙ୍କ ଯୁକ୍ତିକୁ ଆଗକୁ ବଢ଼ାଇ ପାରିବା ନାହିଁ, ପ୍ରଥମତଃ କାରଣ ବିଦ୍ୱାନ ଭଡ଼ା ନିୟନ୍ତ୍ରକ ଆବେଦନକାରୀଙ୍କ ବିରୋଧରେ ଇଚ୍ଛାକୃତ ଖିଲାପର ଆଧାର ପାଇଥିଲେ ଏବଂ ବିଦ୍ୱାନ ଆପୀଲିୟ ବିଚାରପତି ଏହାକୁ ନିଶ୍ଚିତ କରିଥିଲେ । ଉଚ୍ଚ ନ୍ୟାୟାଳୟ ଏଠାରେ ହସ୍ତକ୍ଷେପ ନକରିବା ଉଚିତ ବୋଲି ସମୀଚୀନ ମନେ କଲେ କାରଣ ଏହି ସିଦ୍ଧାନ୍ତ ଏକ ସମକାଳୀନ ସିଦ୍ଧାନ୍ତ ଥିଲା ଏବଂ ଦ୍ୱିତୀୟରେ ଏହା ଯୋଗ୍ୟତା ଉପରେ ଥିଲା । ଯେଉଁଗୁଡିକ ଇଚ୍ଛାକୃତ ଖିଲାପ କୁ ଦର୍ଶାନ୍ତି, ସେଗୁଡିକୁ ଜେ ଜର୍ମନସ୍ ବନାମ ଆଲିଆମଲ୍ ଏବଂ ଅନ୍ୟମାନେ [1999] 7 SCC 382 ମାମଲାରେ ଏହି ନ୍ୟାୟାଳୟଙ୍କ ଦ୍ୱାରା ନିମ୍ନମତେ ପୁନର୍ବାର ଦର୍ଶାଯାଇଛି : -

> " ...... ' 'ଇଚ୍ଛାକୃତ ଖିଲାପ' ର ଅର୍ଥ ହେଉଛି ବକେୟା ଭଡ଼ା ପରିଶୋଧ କରିବାର ଦାୟିତ୍ୱର ଉଦ୍ଦେଶ୍ୟମୂଳକ କିମ୍ବା ଜାଣିଶୁଣି ଉଲ୍ଲଙ୍ଘନ; ଏହା ମଧ୍ୟ ବେପରୁଆ ବେପରୁଆ ଉଦାସୀନତା କିମ୍ବା ଅନାଗ୍ରହୀ କିମ୍ବା ଅନିଚ୍ଛା ଆଚରଣ କାରଣରୁ ହୋଇପାରେ ।କିନ୍ତୁ ଯଦି ଖିଲାପ ଅଜ୍ଞତା, ଘଟଣା କିମ୍ବା ବାଧ୍ୟତା କିମ୍ବା ଭଡ଼ାଟିଆଙ୍କ ନିୟନ୍ତ୍ରଣ ବାହାରେ ଥିବା ପରିସ୍ଥିତି କାରଣରୁ ଘଟିଥାଏ, ତେବେ ଏହାକୁ 'ଇଚ୍ଛାକୃତ ଖିଲାପ' କୁହାଯାଇପାରିବ ନାହିଁ ।ଏହାକୁ ତଥ୍ୟ ଉପରେ ଏବଂ ପ୍ରତ୍ୟେକ ମାମଲାର ପରିସ୍ଥିତିରେ ତଥ୍ୟଗତ ପ୍ରଶ୍ନ ଉପରେ ସ୍ଥିର କରିବାକୁ ପଡିବ ।

ଏହା ଏପରି ନୀତି ଅନୁସରଣ କରେ, ଯାହା ଉପରେ ବିଦ୍ୱାନ ପରାମର୍ଶଦାତା ମଧ୍ୟ ନିର୍ଭର କରନ୍ତି ଯେ ଭଡ଼ା ପ୍ରଦାନରେ ହୋଇଥିବା ଖିଲାପ ଏକ ଇଚ୍ଛାକୃତ ଖିଲାପ ନୁହେଁ ।ବିଦ୍ୱାନ ପରାମର୍ଶଦାତା ଦାଖଲ କରନ୍ତି ଯେ ସେ ଜଣେ ଅଶିକ୍ଷିତ ମହିଳା ଏବଂ ଅଜ୍ଞତା କାରଣରୁ ସେ ଠିକ୍ ସମୟରେ ଭଡ଼ା ଦେଇପାରିଲେ ନାହିଁ; ସେ ବିଶ୍ୱାସ କରୁଥିଲେ ଯେ ଯେହେତୁ ଅନ୍ତଃବର୍ତ୍ତୀ ଆବେଦନ ସଂଖ୍ୟା 11 ନ୍ୟାୟାଳୟ ରେ ବିଚାରଧୀନ ଅଛି, ସେ କେବଳ ସେତେବେଳେ ଭଡ଼ା ଦେଇପାରିବେ

ଯେତେବେଳେ ଅନ୍ତଃବର୍ତ୍ତୀ ଆବେଦନ ନିଷ୍ପତ୍ତି ହେବ । ଏହି ଯୁକ୍ତିକୁ ଆମେ ଗ୍ରହଣ କରିପାରିବୁ ନାହିଁ ।ଯେତେବେଳେ ଅନ୍ତଃବର୍ତ୍ତୀ ଆବେଦନ ଅଦାଲତରେ ବିଚାରାଧୀନ ଥିଲା, ସେତେବେଳେ ଉପରୋକ୍ତ ତିନୋଟି ମାମଲାରେ ସେ ଜଣେ ଅଧିବକ୍ତା ତାଙ୍କ ପ୍ରତିନିଧିତ୍ୱ ହୋଇଥିଲେ । ଯଦି ତାଙ୍କର କୌଣସି ସନ୍ଦେହ ଥିଲା , ତେବେ ତାଙ୍କ ତରଫରୁ ହାଜର ହୋଇଥିବା ତାଙ୍କ ଅଧିବକ୍ତାଙ୍କ ଠାରୁ ପରାମର୍ଶ ନେବାର ସୁଯୋଗ ତାଙ୍କର ଥିଲା । ଏହା ଦର୍ଶାଏ ଯେ ଘରମାଲିକଙ୍କୁ ଭଡ଼ା ପ୍ରଦାନ କରିବାର ଦାୟିତ୍ୱ ପ୍ରତି ଉଦାସୀନତା ପରିବର୍ତ୍ତେ ବେଖାତିର ରହିଛି । ମାମଲାର ଏହି ଦୃଷ୍ଟିକୋଣରୁ ଆମେ ଆବେଦନରେ କୌଣସି ଯୋଗ୍ୟତା ପାଇନାହୁଁ । ସେହି ଅନୁଯାୟୀ ଏହାକୁ ଖାରଜ କରାଯାଏ ।

ଏହି ଆବେଦନରେ ଆମେ ଯେଉଁ ଦୃଷ୍ଟିକୋଣ ଗ୍ରହଣ କରିଛୁ, ସେହି ଦୃଷ୍ଟିକୋଣରୁ, ଯେଉଁ ପରିସର ଦେୱାନୀ ଆବେଦନ ସଂଖ୍ୟା 1715/1997 ବିଷୟ ଅଟେ, ସେହି ପରିସର ସମ୍ବନ୍ଧରେ, ଉପଭଡ଼ା ସମ୍ବନ୍ଧୀୟ ଅନ୍ୟ ପ୍ରଶ୍ନକୁ ଯିବା ଆବଶ୍ୟକ ବୋଲି ଆମେ ବିବେଚନା କରୁନାହୁଁ । ତଦନୁସାରେ ଆବେଦନଟିର ସମାଧାନ କରାଯାଏ ।

ମାମଲାର ପରିସ୍ଥିତିରେ ପକ୍ଷମାନଙ୍କୁ ସେମାନଙ୍କର ନିଜସ୍ୱ ଖର୍ଚ୍ଚ ଦେବାକୁ ନିର୍ଦ୍ଦେଶ ଦିଆଯାଏ ।

ବିଦ୍ୱାନ ପରାମର୍ଶଦାତା ଦାଖଲ କରନ୍ତି ଯେ ଭଡ଼ାଟିଆ ଉକ୍ତ ପରିସର ମଧ୍ୟରେ ରେଷ୍ଟୋରାଂ ଚଳାଉଛନ୍ତି ଏବଂ ଏହି ବ୍ୟବସାୟକୁ ସ୍ଥାନାନ୍ତର କରିବା ପାଇଁ ଆବାସ ସୁରକ୍ଷିତ କରିବା କଷ୍ଟକର, ତେଣୁ ପରିସର ଖାଲି କରିବାକୁ ଏକ ବର୍ଷ ର ମଞ୍ଜୁର କରାଯାଉ । ଏହି ପରିସ୍ଥିତିରେ, ଆମେ ଆବେଦନକାରୀଙ୍କୁ 30 ଏପ୍ରିଲ, 2002 ପର୍ଯ୍ୟନ୍ତ ପରିସର ଖାଲି କରିବାକୁ ଏବଂ ଆଜିଠାରୁ ତିନି ସପ୍ତାହ ମଧ୍ୟରେ ଆବେଦନକାରୀ ଏକ ସାଧାରଣ ପ୍ରତିଶ୍ରୁତି ଦାଖଲ କରି ଉତ୍ତରଦାତାଙ୍କୁ ଏହାର ଶାନ୍ତିପୂର୍ଣ୍ଣ ଦଖଲ ହସ୍ତାନ୍ତର କରିବାକୁ ସମୟ ଦେଉଛୁ ।

ତଥାପି, ଆମେ ଏହା ସ୍ପଷ୍ଟ କରୁଛୁ ଯେ ଏହି ଆଦେଶ ପକ୍ଷମାନଙ୍କୁ ଯଦି ସେମାନେ ଚାହାଁନ୍ତି, ତେବେ ଉପରୋକ୍ତ ଅବଧି ମଧ୍ୟରେ ସମସ୍ୟାର ସମାଧାନ କରିବାରେ ବାଧା ଦିଏ ନାହିଁ ।

ଡି. ଆର. ପି. ଆବେଦନଗୁଡ଼ିକର ସମାଧାନ କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର :***
ତୁଷାର କାନ୍ତ ଗୋଛି
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।